ସକାଳ
THE SAKALA



# ମିଳୁନି ସାର; ତାତିଲେ ଚାଷୀ

## ଏନ୍‌ଏଚ୍ ଅବରୋଧ



ସାନଖେମୁଣ୍ଡି,୧୫।୯(ସମିସ): ସଅଳ ମୌସୁମୀ ସହ ଭଲ ବର୍ଷା ହେବାରୁ ଚଳିତ ବର୍ଷ ଠିକଣା ସମୟରେ ରୁଆ ବେଉଷଣ କାମ ସରିଛି।ଏବେ ଜମିରେ ସାର ଦେବାର ସମୟ। ହେଲେ ଦୀର୍ଘ ଏକ ମାସେ ହେଲା ସାରା ରାଜ୍ୟରେ ସାର ସଂକଟ ଦେଖାଦେଇଛି। ଯାହାକୁ ନେଇ ଅଭାବନୀୟ ପରସ୍ଥିତି ଦେଖାଦେଇଛି। ଏହି କ୍ରମରେ ସାନଖେମୁଣ୍ଡି ବ୍ଲକ୍ ସାହାସପୁର ପଞ୍ଚାୟତ ହାଟପଦାରେ ସାହାସପୁର ଓ ରୁଡ଼ଙ୍ଗପୁର ଗ୍ରାମର ଶତାଧିକ ଚାଷୀ ୩୨୬ ନମ୍ବର ଜାତୀୟ ରାଜପଥ ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ହଟପଦା ଠାରେ ଅବରୋଧ କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ବର୍ତ୍ତମାନ ଧାନ ରୁଆ ସରିଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରକୃତ ଚାଷୀଙ୍କୁ ସାର୍ ମିଳିନାହିଁ। ବାରମ୍ବାର ସାର ପାଇଁ ଅଭିଯୋଗ କରିଥିଲେ ବି ୟୁରିଆ ସାର ମିଳୁନି। ଆବଶ୍ୟକତା ଠାରୁ କମ୍ ପରିମାଣର ବର୍ଷା ହେତୁ ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ଡ଼ିପ ଜମି ମାନଙ୍କରେ ଚାଷ ହୋଇପାରିନାହିଁ। ଅନ୍ୟ କିଛି ଜମିରେ ଯାହା ଚାଷ ହୋଇଛି ସାର ପକାଇବା ପାଇଁ ମିଳୁନାହିଁ। ବଜାର ଯାଇ ନିରାଶ ହୋଇ ଫେରୁଛନ୍ତି ଚାଷୀ। ଆବଶ୍ୟକ ଅନୁସାରେ ସାର ମିଳୁନଥିବାରୁ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରୁ ବୋଲି ଚାଷୀ ଦାବି କରିଥିଲେ। ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ଦୀପ୍ତି ରଞ୍ଜନ ବେହେରା, ଏଏସଆଇ ସନ୍ତୋଷ କୁମାର ମିଶ୍ର, ବ୍ଲକ କୃଷି ଅଧିକାରୀ ଜୟପ୍ରଭା ଆଚାର୍ଯ୍ୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଚାଷୀଙ୍କ ସହ ଆଲୋଚନା କରି ସମସ୍ତ ଚାଷୀଙ୍କୁ ସେବା ସମବାୟ ସମିତି ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇ ଥିଲା।

## ଦୁଃଖ ବୁଝୁ ନାହାନ୍ତି ସରକାର

ଆସିକା,୧୫।୯(ସମିସ): ଦୁଃଖ ବୁଝୁନାହାନ୍ତି ସରକାର। ସାର ପାଇଁ ହୀନସ୍ତା ହେଉଛନ୍ତି ଚାଷୀ। ଦିନକୁ ଦିନ ସାର ସମସ୍ୟା ବଢ଼ିବାରେ ଲାଗିଛି। ନ ଖାଇ ନ ପିଇ ଜଗି ରହୁଛନ୍ତି ସୋସାଇଟି ସମ୍ମୁଖରେ। ହୋ ହାଲ୍ଲା ଓ ପାଟି ତୁଣ୍ଡ କରି ଅନେକ ଚାଷୀ ସାର ନ ପାଇ ନିରାଶ ହୋଇ ଫେରୁଛନ୍ତି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ମଙ୍ଗଳପୁର ସୋସାଇଟିରେ ରବିବାର ରାତ୍ରରୁ ଚାଷୀ ସମବାୟ ସମିତି ଆଗରେ ସାର ବସ୍ତାଟିଏ ପାଇଁ ବସିରହିଥିଲେ। ସାର ଯେତିକି ଆସିଛି ସେହି ତୁଳନାରେ ଦୁଇଗୁଣ ଚାଷୀ ଲମ୍ବା ଲାଇନରେ ଠିଆ ହୋଇଛନ୍ତି। ଏପରିକି ୬ଶହ ମିଟର ପର୍ଯ୍ୟନ୍ତ ଧାଡ଼ି ଲଗାଇ ଠିଆ ହୋଇଛନ୍ତି ଚାଷୀ। ସେପଟେ ମଙ୍ଗଳପୁର ସମେତ ତାଲୁକା ସମବାୟ ସମିତି, କମାଗଡ଼ ସମବାୟ ସମିତି ଓ ବାଲିସିରାରେ ମଧ ସମାନ ଅବସ୍ଥା। ଅନ୍ୟପଟେ ଗତ ୧୩ ତାରିଖରେ ଆସିକା ଗସ୍ତରେ ଆସିଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲାପାଳ ସମେତ ବହୁ ପଦାଧିକାରୀ ବି ସାମିଲ ହୋଇଥିଲେ। ଆଶା କରାଯାଉଥିଲା ଆଉ ଜିଲ୍ଲାରେ ସାରର ସମସ୍ୟା ରହିବ ନାହିଁ। ହେଲେ ଆଜିର ଘଟଣା ପୁଣି ସେହି ସାର ସମସ୍ୟାକୁ ଦୋହରାଇ ଦେଇଛି।



## ସମବାୟ ସମ୍ପାଦକଙ୍କୁ ଘେରାଉ, ରାସ୍ତାରୋକ



ଦିଗପହଣ୍ଡି,୧୫।୯(ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ପ୍ରାଥମିକ ସେବା ସମବାୟ ସମିତିରେ ୟୁରିଆ ସାରର କଳାବଜାର କରାଯାଉଥିବା ଅଭିଯୋଗ ହୋଇଛି। ସିଦ୍ଧେଶ୍ୱର ଓ କୋଟିନଡା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଚାଷୀ ସାର ନପାଇ ହଟହଟା ହେଉଛନ୍ତି। ଚାଷୀଙ୍କୁ ସାର ବଣ୍ଟନ ନକରି ସମ୍ପାଦକ ରବିବାର ବିଳମ୍ବିତ ରାତିରେ କିଛି ବ୍ୟବସାୟୀଙ୍କୁ ଚଢ଼ା ଦରରେ ସାର ବିକ୍ରି କରିଥିବା ପ୍ରଚାରିତ ହେବା ପରେ ସୋମବାର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବା ସହ ଉତ୍ତେଜିତ ଚାଷୀ ସମବାୟ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ବହୁ ସଂଖ୍ୟକ ଚାଷୀ ସମବାୟ ସମ୍ପାଦକ ଗୋପାଳକୃଷ୍ଣ ଜେନାଙ୍କୁ ଘେରି ସାର ଅଭାବର କାରଣ ପଚାରିଥିଲେ। ସେ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ଚାଷୀମାନେ ସଙ୍ଗଠିତ ହୋଇ ଦିଗପହଣ୍ଡି - ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକଠାରେ ରାସ୍ତାରୋକ କରିଥିଲେ। ଯାହାଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ଯାନବାହାନ ଅଟକି ରହିଥିଲା। ସମବାୟ କାର୍ଯ୍ୟାଳୟକୁ ପର୍ଯ୍ୟାପ୍ତ ପରିମାଣରେ ସାର ଆସିଥିବା ବେଳେ ଚାଷୀଙ୍କୁ ସାର ମିଳୁନଥିବା ନେଇ ପୂର୍ବରୁ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। କାର୍ଯ୍ୟାଳୟରେ ପୂର୍ବରୁ ୫୦ ବସ୍ତା ସାର ରହିଥିବା ବେଳେ ରବିବାର ୪୫୦ ବସ୍ତା ସାର ଆସିଥିଲା। ଭୋରରୁ ଚାଷୀମାନେ ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ସାର ପାଇଁ ଅପେକ୍ଷା କରିଥିବା ବେଳେ ସମ୍ପାଦକ କାର୍ଯ୍ୟାଳୟରେ ତାଲା ପକାଇ ଚାଲିଯାଇଥିଲେ। ପ୍ରତିବାଦରେ ଚାଷୀମାନେ ଉତ୍ତେଜିତ ହୋଇ ହୋହାଲ୍ଲା କରିଥିଲେ। ଏପରିକି ସମ୍ପାଦକ ଜଣକ ରବିବାର ରାତିରେ କିଛି ସମ୍ପର୍କୀୟ ଓ ବ୍ୟବସାୟୀଙ୍କୁ ସାର ବିକ୍ରି କରୁଥିବା ଦେଖି ଲୋକେ ଉତ୍ତେଜିତ ହୋଇପଡ଼ିଥିଲେ। ସେ ୟୁରିଆ ସାର ବସ୍ତା ପ୍ରତି ୫ ଶହ ଟଙ୍କାରେ ବିକ୍ରି କରିଛନ୍ତି ବୋଲି ବହୁ ସଂଖ୍ୟକ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ଦୀର୍ଘ ଦୁଇ ଘଣ୍ଟା ରାସ୍ତା ଅବରୋଧ କରି ଆନ୍ଦୋଳନ କରିବା ପରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଦିଗପହଣ୍ଡି ପୁଲିସ ଟିମ୍ ପହଞ୍ଚି ଉତ୍ତେଜିତ ଚାଷୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ପରବର୍ତ୍ତୀ ସମୟରେ ବ୍ରହ୍ମପୁର ସହକାରୀ ସମବାୟ ଉପ ପ୍ରବନ୍ଧକ, ତହସିଲଦାର ଏବଂ ପୁଲିସ ଉପସ୍ଥିତିରେ ଚାଷୀଙ୍କୁ ସାର ବଣ୍ଟନ କରାଯାଇଥିଲା।

## ଗଞ୍ଜାମ ବ୍ଲକରେ ସାର ସଙ୍କଟ

ଗଞ୍ଜାମ/ହୁମ୍ମା,୧୫।୯(ସମିସ): ଗଞ୍ଜାମ ବ୍ଲକ୍‌ରେ ସାରର ଅଭାବ ଯୋଗୁଁ ଚାଷୀମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ରେ ୨୨୦ ମେଟ୍ରିକ୍ ଟନ୍ ସାରର ଆବଶ୍ୟକତା ଥିବା ବେଳେ ମାତ୍ର ୧୧୧ ମେଟ୍ରିକ୍ ଟନ୍ ମିଳିଛି। ଠିକ୍ ସମୟରେ ସାର ପ୍ରୟୋଗ ନହେଲେ ଫସଲରେ ବଡ଼ କ୍ଷତି ହେବ ବୋଲି ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ଖରିଫ୍ ଋତୁରେ ବ୍ଲକ୍‌ରେ ୭୫୭୪ ହେକ୍ଟର ଜମିରେ ଚାଷ ଆରମ୍ଭ ହୋଇଥିବା ବେଳେ ୬୯୦୦ ହେକ୍ଟରରେ ତଳି ରୁଆ ହୋଇଛି ଏବଂ ୬୭୪ ହେକ୍ଟରରେ ଧାନ ବୁଣା ଯାଇଛି। ଏପରି ସ୍ଥିତିରେ ସାରର ଅଭାବ ଚାଷୀଙ୍କୁ ହନ୍ତସନ୍ତ କରିଛି। ବିହନ ଏବଂ ସାରର ସୁଷମ ବଣ୍ଟନ ପାଇଁ ବ୍ଲକ୍‌ରେ କେବଳ ୨୨ଟି ସମବାୟ ସମିତି ରହିଛି। ଏମାନଙ୍କ ମଧ୍ୟରୁ ରଘୁନାଥପୁର, କଲ୍ୟାଣପୁର, ରାଜପୁର ଏବଂ ବୁରୁଡ଼ି ସମିତିଗୁଡ଼ିକ ପକ୍ଷରୁ କୌଣସି ଚାଷୀଙ୍କୁ ସାର ବଣ୍ଟନ କରାଯାଇନାହିଁ। କଲ୍ୟାଣପୁର ପାକ୍ସ ଅଧୀନରେ କାଇଞ୍ଚପୁର, ମାଳି ଜଗନ୍ନାଥପୁର ଏବଂ ରଘୁନାଥପୁର ପାକ୍ସ ଅଧୀନରେ ରାମଗଡ଼ ପଞ୍ଚାୟତର ଅନେକ ଗାଁର ଚାଷୀମାନେ ସାର ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ରାଜପୁର ପାକ୍ସରେ ଆଶ୍ରିତ ଚାଷୀମାନେ ବସ୍ତା ଏ ସାର ପାଇଁ ହିନସ୍ତା ହେଉଛନ୍ତି। ଅତିରିକ୍ତ କୃଷି ଅଧିକାରୀ ପ୍ରତିଭା ଦେବୀ ସୂଚନା କହିଛନ୍ତି ବଳରାମପୁର, ଗୋଖରକୁଦା, ଜେ ଆର୍ ଜିପୁର, ମଧୁରୁଚୁଆ, ନିଳାଦ୍ରିପୁର, ସନ୍ତୋଷପୁର ଏବଂ ସୁବଳୟା ସମିତିଗୁଡ଼ିକୁ ସାର ଯାଇଛି। କିନ୍ତୁ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ ଏହି ପରିମାଣ ସାର ସମୁଦ୍ରରେ ଶଙ୍ଖେ ସମାନ। ରମ୍ଭା ଏବଂ ଆଖପାଖ ଅଞ୍ଚଳର ସୁବଳୟା, ବୁରୁଡ଼ି, ମଧୁରଚୁଆ, ଝାରେଡ଼ି ଏବଂ ରମ୍ଭା ସମିତିର ଚାଷୀମାନେ ଆବଶ୍ୟକ ଅନୁଯାୟୀ ସାର ପାଉନାହାନ୍ତି। ପ୍ରତି ସମିତିକୁ ଅତିକମ୍‌ରେ ଦୁଇଟି ଗାଡ଼ି ସାରର ଆବଶ୍ୟକତା ରହିଥିବା ବୋଲି ଚାଷୀମାନେ କହିଛନ୍ତି। ଅତିଶୀଘ୍ର ସାର ଯୋଗାଣ ହେଲେ ଠିକ୍ ସମୟରେ ଧାନରେ ପକାଇ ଭଲ ଅମଳ ପାଇପାରିବେ। ପ୍ରଶାସନ ଏହି ସଙ୍କଟର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଖଲ୍ଲିକୋଟ,୧୫।୯(ସମିସ): ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ ଚଢ଼ଉ କରି ୧୦ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି। ସୋମବାର ସକାଳେ ଟ୍ରେନ୍ ଯୋଗେ ଗୁଜୁରାଟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ଅବକାରୀ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ ତାଙ୍କ ଟିମ ସହିତ ଖଲ୍ଲିକୋଟ ରେଳ ଷ୍ଟେସନ ରୋଡ଼ରେ ଚଢ଼ଉ କରିଥିଲେ। ସେଠାରୁ ୧୦ କେଜି ଗଞ୍ଜେଇ ସହିତ ଗୁଜୁରାଟର ଅଭିଷେକ ସିଂ (୨୦)ଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଚିକିଟି,୧୫।୯(ସମିସ): ସୁନାପୁର ସମୁଦ୍ରରେ ରବିବାର ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଜଣେ ଯୁବକ ନିଖୋଜ ହୋଇଥିଲେ। ଅଗ୍ନିଶମ ବାହିନି ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇପାରିନଥିଲେ। ତେବେ ସୋମବାର ମାର୍କଣ୍ଡି ବେଳାଭୂମିରୁ ତାଙ୍କ ଶବ ଉଦ୍ଧାର ହୋଇଛି। ମୃତକ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଲିଆଖାଇ ଗାଁର ରଞ୍ଜନ କୁମାର ପ୍ରଧାନଙ୍କ ପୁଅ ଅମିତ କୁମାର ପ୍ରଧାନ(୧୮)। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏସ୍‌ଆର୍‌ଏଫ୍ କମ୍ପାନୀର ଭୂମି ପୂଜା



ଛତ୍ରପୁର,୧୫।୯(ସମିସ): ସୋମବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଛତ୍ରପୁର ଉପକଣ୍ଠରେ ଥିବା ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ୍ ଲିମିଟେଡ୍ ଗୋପାଳପୁର ଶିଳ୍ପ ପାର୍କରେ ଏସ୍‌ଆରଏଫ୍ ଲିମିଟେଡ୍ ନାମକ କମ୍ପାନୀର ଭୂମି ପୂଜା କରିଛନ୍ତି। ଏସ୍‌ଆର୍‌ଏଫ୍ ନାମକ କମ୍ପାନୀ ବିଶେଷ ଭାବେ କେମିକାଲ ସେକ୍ଟରର ଏକ ବୃହତ୍ତମ କମ୍ପାନୀ, ଏହି କମ୍ପାନୀ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶରେ ଗୋପାଳପୁର ଶିଳ୍ପ ପାର୍କରେ ୩୦୦ ଏକର ଜମିରେ ଏହାର ପ୍ରସ୍ତାବିତ ରାସାୟନିକ ଏବଂ ସ୍ୱତନ୍ତ୍ର ରାସାୟନିକ ୟୁନିଟ୍ ସ୍ଥାପନ କରିବ। ଏହାଦ୍ୱାରା ୧୮ ହଜାରରୁ ଅଧିକା ଲୋକଙ୍କ ନିମନ୍ତେ ନିଯୁକ୍ତି ସମ୍ଭାବନା ରହିବ। ଏସ୍‌ଆର୍‌ଏଫ୍ କମ୍ପାନୀ ଏହି ଅଞ୍ଚଳରେ ସାମାଜିକ-ଆର୍ଥିକ କାର୍ଯ୍ୟ କଳାପକୁ ବୃଦ୍ଧି କରିବାରେ ସହଯୋଗ କରିବ। ଏହା ଗୋପାଳପୁର ଶିଳ୍ପ ପାର୍କରେ ୧୪ ତମ ଶିଳ୍ପ ହେବ, ଗୋପାଳପୁର ଶିଳ୍ପ ପାର୍କ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ଓ ଶିଳ୍ପ ପାଇଁ ଏକ ଅନୁକୂଳ ପରିବେଶ ସହିତ ଦେଶର ସର୍ବୋତ୍ତମ ଶିଳ୍ପ ପାର୍କ ମଧ୍ୟରୁ ଗୋଟିଏ ହେବାକୁ ଯାଉଛି। ଏହି ଅବସରରେ ଗୋପାଳପୁରସ୍ଥିତ ଜେଏନ୍ ଟାଟା ବୈଷୟିକ ଶିକ୍ଷା କେନ୍ଦ୍ରରେ ଏକ ସମାରୋହ ମଧ ଆୟୋଜିତ ହୋଇଥିଲା। ଏଥିରେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗଦେଇ ଏସ୍‌ଆର୍‌ଏଫ୍ କମ୍ପାନୀ ହେଲେ ଲୋକଙ୍କୁ ଅଧିକ ନିଯୁକ୍ତି ମିଳିବ, ଗୋପାଳପୁର ଶିଳ୍ପ ପାର୍କ ଆହୁରି ସୁଦୃଢ଼ ହେବ ବୋଲି କହିଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ କହିଥିଲେ ଯେ ଆଜି ଗଞ୍ଜାମ ଜିଲ୍ଲା ପାଇଁ ଖୁସି ଓ ସୌଭାଗ୍ୟର ଦିନ, ଆମେ ସମସ୍ତେ ଉପହାର ପାଇଛେ। ସେହିପରି ଟାଟା ଏସଇଜେଡର ଏମଡି ମଣିକାନ୍ତ ନାୟକ ଏବଂ ଏସ୍‌ଆର୍‌ଏଫ୍ ଲିମିଟେଡ୍ କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ଦୀନେଶ ବାବୁଙ୍କ ସମେତ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ଏଏସ୍‌ଆଇଙ୍କ ପରଲୋକ

ବେଲଗୁଣ୍ଠା,୧୫।୯(ସମିସ): ହୃଦଘାତରେ ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନାର ଜଣେ କର୍ତ୍ତବ୍ୟରତ ପୁଲିସ୍ ଏଏସ୍‌ଆଇ ପ୍ରଭାକର ଗାଣ୍ଟା (୫୩)ଙ୍କ ମୃତ୍ୟୁ ଘଟିଛି। ସୋମବାର ସେପାଇଲିପଡ଼ା ପଂଚାୟତରେ ଅନୁଷ୍ଠିତ ଜନ ଶୁଣାଣି ଶିବିରକୁ ଯାଇଥିଲେ। ସେଠାରୁ ଦିନ ଗୋଟାଏରେ ଥାନା ଫେରି ସେଠାରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗୋବରା ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ମେଡିକାଲ୍ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ଓ ଖବର ପାଇ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ବ୍ରହ୍ମପୁର ବଡ଼ ମେଡିକାଲ୍‌ରେ ପହଞ୍ଚିଥିଲେ ଓ ସେଠାରେ ସ୍ୱର୍ଗତ ଗାଣ୍ଟାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ଓ ସ୍ୱର୍ଗତ ଗାଣ୍ଟାଙ୍କ ଶେଷ କୃତ୍ୟ ତାଙ୍କ ପୈତୃକ ଗ୍ରାମ ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଖଣ୍ଡବା ଗ୍ରାମରେ ସମ୍ପନ୍ନ ହେବ ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ତାଙ୍କ ଅକାଳ ବିୟୋଗରେ ଥାନା ଅଧିକାରୀ ଶ୍ରୀ ପ୍ରଧାନଙ୍କ ସମେତ ଏସ୍‌ଆଇ ଆର୍ତ୍ତତ୍ରାଣ ଦାନୀ, ଅଜୟ କୁମାର ମଲ୍ଲିକ, ଏଏସ୍‌ଆଇ ସୁଷମା ବେହେରା, ୱାଇ.ବି ନାଇଡୁଙ୍କ ସମେତ ସମସ୍ତ ପୁଲିସ୍ କର୍ମଚାରୀ ମର୍ମାହତ ହୋଇପଡିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ସୋରଡା ବିଧାୟକ ନୀଳମଣି ବିଷୋୟୀ, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ଖଇରପୁଟୀ ସରପଞ୍ଚ ସତ୍ୟବାନ ସ୍ୱାଇଁ, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, ଆଇନଜୀବୀ ସୀମାଞ୍ଚଳ ପୃଷ୍ଟି, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବିଷୋୟୀ, ବନପାଳ ଶଙ୍କର୍ଷଣ ଗୌଡ଼ ପ୍ରମୁଖ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ
ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

## ୫ ଶିକ୍ଷକଶିକ୍ଷୟିତ୍ରୀଙ୍କୁ 'ରାଷ୍ଟ୍ର ନିର୍ମାତା' ସମ୍ମାନ



ଛତ୍ରପୁର,୧୫।୯(ସମିସ):

ଛତ୍ରପୁର ରୋଟାରୀ କ୍ଲବ ପକ୍ଷରୁ ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୫ଜଣ ଶିକ୍ଷକ / ଶିକ୍ଷୟିତ୍ରୀ ଙ୍କୁ ସମ୍ମାନଜନକ "ରୋଟାରୀ ରାଷ୍ଟ୍ର ନିର୍ମାତା' ସମ୍ମାନ ପ୍ରଦାନ କରାଯାଇଛି। ଛତ୍ରପୁର ପିଲିବନ୍ଧ ରୋଡ୍‌ସ୍ଥିତ କ୍ଲବ୍ ପରିସରରେ ସଭାପତି ତଥା ହାଇକୋର୍ଟ ଆଡ଼ଭୋକେଟ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଉପରେ କହିଥିଲେ। ଏହି ଅବସରରେ ଶିକ୍ଷକ ତ୍ରିନାଥ ସାହୁ, ସୁନୀଲ ଶତପଥି, ଅଜିତ କୁମାର ସେଠୀ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ସେଠୀ ଓ ନମିତା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ସମ୍ପାଦକ ଡମ୍ବରୁଧର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ରୋଟାରିୟନ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୂର୍ଯ୍ୟନାରାୟଣ ସାମନ୍ତରାୟ, ନିରଞ୍ଜନ ପାତ୍ର, ଡ଼ଃ ବିମଳ ପ୍ରସାଦ ସାହୁ, ଦ୍ୱାରିକା ପ୍ରସାଦ ପଟ୍ଟନାୟକ, ସୁରଜିତ ସାମନ୍ତ ରାୟ, ସୁଜିତ ପଟ୍ଟନାୟକ, ଏସ ରେଖା ମହାନ୍ତି, ଏମ ଧନଞ୍ଜୟ ରେଡ୍ଡୀ, ସ୍ୱାଗତିକା ସାମନ୍ତରାୟ, ଇଂ. ରାଜକିଶୋର, ଏମ ବାସୁଦେବ ରାଓ ଓ ଇ ନାଗେଶ୍ୱର ରାଓଙ୍କ ସମେତ ଅନ୍ୟାନ୍ୟ ସଭ୍ୟ/ ସଭ୍ୟା ଯୋଗଦେଇ ଥିଲେ। ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାପିଢ଼ା ଯାତ୍ରା ସମାପନ, ପାର୍ବଣ ଆରମ୍ଭ

ସୋରଡ଼ା,୧୫।୯(ସମିସ): ମା' କନ୍ଧୁଣିଦେବୀଙ୍କ ପବିତ୍ର କଣ୍ଟାପିଢ଼ା ଯାତ୍ରା ସମାପର ହୋଇଛି। ଚଳିତବର୍ଷ ଶିବପ୍ରସାଦ ସୁଆରଙ୍କ ତତ୍ତ୍ୱାବଧାନରେ ଯାତ୍ରା ପରିଚାଳନା ହୋଇଥିଲା। ପ୍ରଚଳିତ ନିୟମ ଅନୁସାରେ ବାଲି ତୃତୀୟା ଠାରୁ ଯାତ୍ରା ଚାଲିଥିଲା। ଏହି ଅବସରରେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମ୍ବାଦିକ ତଥା କାଉନସିଲର ରଜନୀ କାନ୍ତ ମହାପାତ୍ର ସଞ୍ଚାଳନ କରିଥିଲେ। ମନ୍ଦିର ପ୍ରଥା ପରମ୍ପରା ଅନୁଯାୟୀ ଭୋଗରାଗ ସହ ପ୍ରତ୍ୟହ ବେଶ କରାଯାଇ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ଆଳତି ବେଳେ ମା'ଙ୍କ ପ୍ରିୟ କାକରା ଭୋଗ ଓ ମାନସିକଧାରୀଙ୍କ ବେଶ ଓ ପୂଜନ ରହିଥିଲା। ସୋରଡ଼ାର ଅଗ୍ରଣୀ ଅନୁଷ୍ଠାନ 'ଆମେ କଳାକାର' ଦ୍ୱାରା ସାମାଜିକ ନାଟକ 'ସିନ୍ଦୂର ହଜିଲା ଶୁଭ ରାତିରେ' ମଞ୍ଚସ୍ଥ ହୋଇଥିଲା। ଚଳିତବର୍ଷ ମା'ଙ୍କ ଯାତ୍ରା ୮୫୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଅଞ୍ଚଳର ରାଜକୀୟ ପରମ୍ପରା ଅନୁସାରେ ରାଜଭୋଗ ନେଇ ସ୍ଥାନୀୟ ତହସିଲଦାର ତଥା ରାଜସ୍ୱ ଅଧିକାରୀ ତନ୍ମୟ ପାତ୍ର ଓ ମନ୍ତ୍ରୀଥାଟ ଭୋଗ ଅନୁସାରେ ସ୍ଥାନୀୟ ପୁଲିସ ଅଧିକାରୀ ସୁନୀଲ କୁମାର ପ୍ରଧାନ ସମସ୍ତ କର୍ମଚାରୀ ବା ପାତ୍ର ମନ୍ତ୍ରୀ ଥାଟଙ୍କ ସହ ବାଦ୍ୟ ବାଜଣା ସହିତ ରାଜଭୋଗ କରାଯାଇଥିଲା। ଏହି ଉତ୍ସବ ଜନଜାତି ପରମ୍ପରା ମୁତାବକ ପାଳନ କରାଯାଉଛି।



ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)

ଆପଣଙ୍କୁ ସ୍ମରଣ କରି
କୃତଜ୍ଞତା ଜଣାଉଛୁ।

ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଞ୍ଜରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

# ସାର ଅଭାବ: ସୋସାଇଟି ଗୋଦାମ ଗୃହ ଘେରିଲେ ଚାଷୀ

କାଶୀନଗର, ୧୫।୯ (ସମିସ)



ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସିରେ ସାର ଅଭାବକୁ ନେଇ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସୋମବାର ଦିନ ୫୦୦ରୁ ଅଧିକ ଚାଷୀ କୃଷି ସମବାୟ ସମିତିର ଗୋଦାମ ଘେରଉ କରି ସେମାନଙ୍କୁ ଆବଶ୍ୟକ ପରିମାଣର ୟୁରିଆ ସାର ଯୋଗାଇ ଦେବାକୁ ଦାବି କରିଥିଲେ। ଶୃଙ୍ଖଳା ରକ୍ଷା ସକାଶେ ପୁଲିସ ପହଞ୍ଚିଥିଲା। ଜୁନ୍ ମାସରେ ପ୍ରଥମେ ଦୁଇ ଦଫାରେ ୮୬୦ ବସ୍ତା ୟୁରିଆ ଆସିଥିଲା। ଜୁଲାଇରେ ୫୬୦ ବସ୍ତା ୟୁରିଆ, ଅଗଷ୍ଟରେ ୨୦୦ ବସ୍ତା ଡିଏପି ଓ ଚଳିତ ମାସ ୧୨ ତାରିଖରେ ଆଉ ୪୫୦ ବସ୍ତା ୟୁରିଆ ଗୋଦାମରେ ପହଞ୍ଚିଛି ବୋଲି ସମିତି ସମ୍ପାଦକ ଏମ. ଗିରିବାବୁ କହିଛନ୍ତି। ଏଭଳି ମୋଟ ୧୮୭୦ ବସ୍ତା ୟୁରିଆ ଓ ୨୦୦ ବସ୍ତା ଡିଏପି ମିଳିଥିବା ବେଳେ ସମବାୟ ସମିତିରୁ ଋଣ ନେଇ ଠିକ୍ ସମୟରେ ପରିଶୋଧ କରିଥିବା ୨୦୯ ଚାଷୀଙ୍କୁ ଦୁଇ ଦଫାରେ ୯୦ କେଜି ଓ ଚାଷୀ ଆଇଡି ଥିବା ଚାଷୀଙ୍କୁ ଗୋଟିଏ ଥର ୪୫ କେଜି ଲେଖାଏଁ ୟୁରିଆ ଦିଆଯାଇଛି। ବର୍ତ୍ତମାନ ୪୫୦ ବସ୍ତା ୟୁରିଆ ଗଚ୍ଛିତ ଅଛି। ଦିନେ ଦୁଇ ଦିନ ଭିତରେ ଆଉ କିଛି ସାର ଆସିଲେ ଯୋଗ୍ୟ ବିବେଚିତ ଚାଷୀଙ୍କୁ ବଣ୍ଟାଯିବ ବୋଲି ମଧ୍ୟ ସେ କହିଛନ୍ତି। ହେଲେ ସବୁ ଚାଷୀଙ୍କୁ ସାରର ଆବଶ୍ୟକତା ଥିବାବେଳେ ମୁଷ୍ଟିମେୟ ଚାଷୀଙ୍କୁ ସାର ମିଳିଛି। ଯାହା ମିଳିଛି, ତାହା ସମୁଦ୍ରକୁ ଶଙ୍ଖେ ଭଳି। ୫ଏକର ଜମି ଥିବା ଜଣେ ଚାଷୀ ୪୫ କେଜି ୟୁରିଆ ନେଇ କ'ଣ କରିବ ବୋଲି ପ୍ରଶ୍ନ କରି ନିଜର ଅସନ୍ତୋଷ ଜାହିର କରିଛନ୍ତି। ସାର ଅଭାବର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ କଳା କାରବାର ଚଳାଇଥିବା ଅଭିଯୋଗ ହୋଇଥିବା ବେଳେ କାଶୀନଗର ରଇତ ସଙ୍ଘ ପକ୍ଷରୁ ସାର ଅଭାବ ପାଇଁ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତିକୁ ଦାୟୀ କରାଯାଇଛି। ଚାଷୀଙ୍କୁ ଆବଶ୍ୟକ ସାର ଯେପରି ସୁବିଧାରେ ଓ ଠିକ୍ ସମୟରେ ମିଳିପାରିବ, ପ୍ରଶାସନ ଓ ସରକାର ସେ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ପୁରୁଷୋତ୍ତମପୁର, ୧୫।୯ (ସମିସ): ପୁରୁଷୋତ୍ତମପୁର ଥାନା ଗୋବିନ୍ଦପୁର ଗାଁରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଗୋବିନ୍ଦପୁରର ଗୋପିନାଥ ରଣା। ସେ ଗାଁ ଛକରେ ଠିଆ ହୋଇଥିବା ବେଳେ କିଛି ଦୁର୍ବୃତ୍ତ ଆସି ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଗୁରୁତର ଅବସ୍ଥାରେ ଗୋପୀନାଥଙ୍କୁ ପ୍ରଥମେ ଭାଟକୁମାରଡ଼ା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା ପ୍ରଶାସନର ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି



ନୂଆଗଡ଼, ୧୫।୯ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ତାବରଡ଼ା ପଞ୍ଚାୟତରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସମେତ ଜିଲ୍ଲାର ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ବଡ଼ପଦା, କେ.ଝାଲରସିଂ, ଖଜୁରୀପଦା, ତାବରଡ଼ା ପଞ୍ଚାୟତର ଅଭିଯୋଗ ଶୁଣାଣି ଥିଲାବେଳେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସମୁଦାୟ ମୋଟ ୯୨ ସମସ୍ୟାର ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିରେ ୬୮ ବ୍ୟକ୍ତିଗତ ଥିବାବେଳେ ୨୪ ଗ୍ରାମ ଭିତ୍ତିକ ସମସ୍ୟା ଅଭିଯୋଗ ଥିଲା। ଗ୍ରାମାଞ୍ଚଳରେ ମୁଖ୍ୟତଃ ଟେଲିଯୋଗାଯୋଗ, ପାନୀୟ ଜଳ, ରାସ୍ତା, ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍‌କାର୍ଡ, ଶିକ୍ଷା, ଜଳସେଚନ ଭଳି ଅନେକ ସମସ୍ୟାର ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୁଣାଣିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚର୍ଯୀ ସମେତ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ରାଇକିଆରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ରାଇକିଆ, ୧୫।୯ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୪୫ ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୨୬ ବ୍ୟକ୍ତିଗତ ଏବଂ ୧୯ ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ପାନୀୟ ଜଳ ସମସ୍ୟା, ଭତ୍ତା, ଆବାସ ଯୋଜନା, ଖାଦ୍ୟ ସୁରକ୍ଷା କାର୍ଡ ସମ୍ପର୍କୀତ ଅଭିଯୋଗ ମଧ୍ୟ ରହିଥିବା ବେଳେ ଗ୍ରାମାଞ୍ଚଳ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଏଡିଏମ ରମେଶ ଚନ୍ଦ୍ର ଜେନା, ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଏସ୍‌ଡିପିଓ ବିଜୟ କୁମାର ବିଶି, ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ରାଇକିଆ ବିଡ଼ିଓ ସବ୍ୟସାଚୀ ସାହୁ, ତହସିଲଦାର ବରିୟାଲ ମୁମୁ ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଓଲଟିଲା ପେଟ୍ରୋଲ ବୋଝେଇ ଟ୍ୟାଙ୍କର



ମୋହନା, ୧୫।୯ (ସମିସ): ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ଖାରିଗୁଡ଼ା ଗାଁ ନିକଟରେ ଭାରସାମ୍ୟ ହରାଇ ଓଲଟିଲା ପେଟ୍ରୋଲ ବୋଝେଇ ଟ୍ୟାଙ୍କର। ଏହି ଦୁର୍ଘଟଣା ରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରକ୍ ପେଟ୍ରୋଲ ନେଇ ପାରାଦୀପରୁ ବିଷମକଟକ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ଅଡ଼ବା ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଟ୍ୟାଙ୍କରରୁ ପେଟ୍ରୋଲ ଲିକେଜ ହୋଇ ଥିବାରୁ ଖବର ପାଇ ମୋହନା ଅଗ୍ନିଶମ ବାହିନୀ ପହଞ୍ଚି କୌଣସି ଅଘଟଣକୁ ଏଡାଇବା ପାଇଁ ଘଟଣା ସ୍ଥଳରେ ଉପସ୍ଥିତ ରହିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନର ବ୍ଲକସ୍ତରୀୟ ପ୍ରଶିକ୍ଷଣ



ନୂଆଗଡ଼, ୧୫।୯ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଗ୍ରାମସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ବ୍ଲକସ୍ତରୀୟ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣରେ ଡିଏ-ଯୁଗା ଅଧିନସ୍ଥ ୧୬ ଗ୍ରାମର ଗ୍ରାମ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା, ପିଇଓ, ଏଡିଇଓ ଏବଂ ଜିଆରଏସ ଯୋଗ ଦେଇଛନ୍ତି। ପ୍ରଶିକ୍ଷକ ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ମହାନ୍ତି ପ୍ରଶିକ୍ଷଣ ଦେଇଥିଲେ। ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ସାକାର କରିବାପାଇଁ ଏହା ସରକାରଙ୍କର ଏକ ଅଭିଯାନ ପଦକ୍ଷେପ। ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଗ୍ରାମପିଛା ୨୦ ସ୍ୱେଚ୍ଛାସେବୀ ସଙ୍ଗଠିତ କରିବା ପାଇଁ ଗ୍ରାମ୍ୟସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି।

## ଗ୍ରାମାଞ୍ଚଳରୁ-ଶିଳ୍ପାଞ୍ଚଳ ଭରସାଯୋଗ୍ୟ ସେବା ଯୋଗାଉଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର, ୧୫।୯ (ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ରାୟଗଡ଼ା ଜିଲ୍ଲାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଅଭିନବ ପଦକ୍ଷେପମାନ ଆପଣାଇଛି। ବିଦ୍ୟୁତ ସେବା ବିତରଣ କ୍ଷେତ୍ରରେ ଗୁଣବତ୍ତା ଆଣିବା ତଥା ଉନ୍ନତି କରିବା ଓ ଏକ ସମାବେଶୀ ବିକାଶକୁ ଗୁରୁତ୍ୱ ଦେବାକୁ କମ୍ପାନୀ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ରାୟଗଡ଼ା ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ଏକ ଶିଳ୍ପସମୃଦ୍ଧ ଜିଲ୍ଲା ଭାବେ ବେଶ୍ ପରିଚିତ। ଏଠାରେ ବିଦ୍ୟୁତ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ଟିପିଏସ୍‌ଓଡିଏଲ୍ ତରଫରୁ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଆଯାଉଛି ବିଭିନ୍ନ ପଦକ୍ଷେପ। ଯାହା ଘରୋଇ ଉପଭୋକ୍ତାଙ୍କଠାରୁ ନେଇ କୃଷି, ଶିଳ୍ପ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି। ଅଦ୍ୟାବଧି ରାୟଗଡ଼ା ଜିଲ୍ଲାରେ ବହୁ ପ୍ରକଳ୍ପମାନ ଟିପିଏସ୍‌ଓଡିଏଲ୍ ତରଫରୁ ସମ୍ପନ୍ନ ହୋଇଛି। ଗୁମୁଡ଼ା, ବିକ୍ରମପୁର, ମୀନାଝୋଲା ଏବଂ ଥେରୁବାଲି ଆଦି ସବଷ୍ଟେସନର ଟ୍ରାନ୍ସଫର୍ମରର କ୍ଷମତାକୁ ଉନ୍ନତିକରଣ କରାଯାଇଛି। ଯାହା ଜିଲ୍ଲାର ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରୁଛି। ମୁନିଗୁଡ଼ାଠାରେ ଥିବା ଉଭୟ ଟ୍ରାନ୍ସଫର୍ମରର କ୍ଷମତାକୁ ୩.୧୫ଏମଭିଏରୁ ୫ଏମଭିଏକୁ ବୃଦ୍ଧି କରାଯାଇଛି। ସେହିପରି ଗୁଣ୍ଡୁପୁର ଗ୍ରୀଡ୍ ସବଷ୍ଟେସନରୁ ଓଖିଲାଗୁଡ଼ା ଦେଇ ବିକ୍ରମପୁର, ଡମ୍ବସରା, ଜଲତାର ଏବଂ ଗୁଣ୍ଡୁପୁରକୁ ନୂତନ ୩୩କେଭି ଲାଇନ ତାର ସଂଯୋଗ ହୋଇଛି। ହାଟମୁନିଗୁଡ଼ାଠାରୁ ଶିବ ମନ୍ଦିର, ପିତାମହଲ ପର୍ଯ୍ୟନ୍ତ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଲାଇନ ତାର ସଂଯୋଗ ହୋଇଛି। ଡାଙ୍ଗସରୋଡ଼ା, ସୁଙ୍ଗେର ଏବଂ ଗୁଣ୍ଡୁପୁରରେ ଥିବା ୩୩କେଭି ଫିଡରଗୁଡ଼ିକର ମଧ୍ୟ ଉନ୍ନତୀକରଣ କରାଯାଇଛି। ଟିକିରି ସହରରୁ ନୂଆପଡ଼ା ଓ ଟାଉନ-୩ରୁ ଡୁମୁଡ଼ିଗୁଡ଼ା ପର୍ଯ୍ୟନ୍ତ ନୂତନ ୧୧କେଭି ଲାଇନ ତାର ସଂଯୋଗ ହୋଇଛି। ଏହାସହିତ ଟାଉନ, କୋର୍ଟ, ସୁଲୁଡ଼ି, ରାମନାଗୁଡ଼ା, ଢେପାଗୁଡ଼ା, ଗୁଡ଼ାରୀ, ସିରିଗୁଡ଼ା, ଅମ୍ବାଡ଼ୋଲା, ଟାଉନ-୪, ଓ ମୁନିଗୁଡ଼ାରେ ଥିବା ଫିଡରଗୁଡ଼ିକର ମଧ୍ୟ ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପମାନ ରାୟଗଡ଼ା ଜିଲ୍ଲାର ଭିତ୍ତିଭୂମି ସୁଦୃଢ଼ କରିବା ସହିତ ଗୁଣାତ୍ମକ ବିଜୁଳି ସେବା ଯୋଗାଉଛି। ଜିଲ୍ଲାର ଘରୋଇ, ଶିକ୍ଷାନୁଷ୍ଠାନ ଏବଂ ବାଣିଜ୍ୟିକ କ୍ଷେତ୍ରକୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବାକୁ ସୁନିଶ୍ଚିତ କରୁଛି। ଏ ନେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କୁହନ୍ତି ରାୟଗଡ଼ା ହେଉଛି ଶିଳ୍ପ ଓ ସାଂସ୍କୃତିକ ପରମ୍ପରାର ମିଳନ ସ୍ଥଳ। ସନ୍ତୁଳିତ ବିକାଶକୁ ସର୍ବଦା ଏହି ଜିଲ୍ଲା ପ୍ରୋତ୍ସାହିତ କରିଥାଏ। ଜିଲ୍ଲାର ଆଧୁନିକୀକରଣ ହୋଇଥିବା ବିଦ୍ୟୁତ ଭିତ୍ତିଭୂମି ଜାତୀୟସ୍ତରରେ ଥିବା ଲକ୍ଷ୍ୟ ତଥା ସମସ୍ତଙ୍କ ପାଇଁ ସୁଲଭ, ଭରସାଯୋଗ୍ୟ, ଗୁଣାତ୍ମକ ବିଜୁଳି ଯୋଗାଣ ତଥା ଏକ ନିରନ୍ତର ବିକାଶ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଏ। ଏହିସବୁ ପଦକ୍ଷେପ ଯୋଗୁଁ ରାୟଗଡ଼ା ଜିଲ୍ଲା ବିକାଶର ନୂଆ ଏକ ପରିଚୟ ସୃଷ୍ଟି କରି ପାରିଛି। ଏହି ପ୍ରଗତିର ଧାରାକୁ ବଜାୟ ରଖିବା ସହ ଜୀବନ ଓ ଜୀବିକାକୁ ଆଲୋକିତ କରିବା ତଥା ଆଗାମୀ ପିଢ଼ି ପାଇଁ ଏକ ସ୍ଥିର ଓ ନିର୍ଭରଯୋଗ୍ୟ ବିଦ୍ୟୁତ ଭିତ୍ତିଭୂମି ପ୍ରସ୍ତୁତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ।

## ସଂସ୍କୃତ ଦିବସ ପାଳିଲା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ

ପାରଳାଖେମୁଣ୍ଡି, ୧୫।୯ (ସମିସ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଗଜପତି ଜିଲ୍ଲା ଶାଖା ଆନୁକୂଲ୍ୟରେ ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ପୌରପରିଷଦ ସରକାରୀ ଉଚ୍ଚବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଶୁଭଲକ୍ଷ୍ମୀ ଦାସଙ୍କ ପୌରୋହିତ୍ୟରେ ହୋଇଥିବା ସମାରୋହରେ ମୁଖ୍ୟଅତିଥି ରୂପେ ଡ଼. ଚନ୍ଦ୍ରଶେଖର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରମୁଖ ଡ.ବିଘ୍ନେଶ୍ୱର ମିଶ୍ର, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ କୁମୁଦ ରଞ୍ଜନ ଦାଶ, ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଘ୍ନରାଜ ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଗୁରୁ ରଘୁନାଥ ପାତ୍ର ଯୋଗ ଦେଇ ସଂସ୍କୃତର ମହତ୍ତ୍ୱ ପ୍ରତିପାଦନ କରିବା ସହ ସଂସ୍କୃତି ସୁରକ୍ଷା ନିମିତ୍ତ ଏହାର ଗୁରୁତ୍ୱକୁ ଆଲୋକପାତ କରିଥିଲେ। ସମ୍ପାଦକ ପଣ୍ଡିତ ଶୁଭାଶିଷ ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମନୋଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପାରଳାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦ ଓ ମହେନ୍ଦ୍ରଗିରି ପୌରପରିଷଦ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।



## କାର୍‌କୁ ଧକ୍କା ଦେଲା ପାଇପ ବୋଝେଇ ଟ୍ରକ୍

ମୋହନା, ୧୫।୯ (ସମିସ): କାର କୁ ଧକ୍କା ଦେଲା ଅଠର ଚକିଆ ପାଇପ ବୋଝେଇ ଟ୍ରକ। ଅଳ୍ପକେ ବର୍ତ୍ତିଲେ କାର ଡ୍ରାଇଭର ଓ ଯାତ୍ରୀ। ଏଭଳି ଘଟଣା ଗଜପତି ଜିଲ୍ଲା ମୋହନା ଥାନା ଯୁବଗାଁ ନିକଟରେ ଘଟିଛି। ଟ୍ରକ ବ୍ରହ୍ମପୁରରୁ ଆର.ଉଦୟଗିରି ଯାଉଥିବା ବେଳେ ଛେଳିଗଡ଼ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା କାରକୁ ଧକ୍କା ଦେଇଥିଲା। ଚନ୍ଦ୍ରଗିରି ଫାଣ୍ଡି ପୁଲିସ ଖବର ପାଇ ଟ୍ରକକୁ ଜବତ କରିଥିବା ବେଳେ ଟ୍ରକ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ଏସମ୍ପର୍କରେ ଅଧିକ ତଦନ୍ତ କରୁଛି।

## ଗଞ୍ଜେଇ ସହ ବାଇକ୍ ଜବତ, ଯୁବକ ଗିରଫ

ଚକାପାଦ, ୧୫।୯ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ଥାନା ପାଣ୍ଡିମାଳାରେ ପୁଲିସ ଚଡଉ କରି ୯ କିଲୋ ୬୦୦ ଗ୍ରାମ ଗଞ୍ଜେଇ ସହ ଏକ ପଲସର ବାଇକ ଜବତ କରିଥିବା ଜଣାପଡ଼ିଛି। ଏ ନେଇ ମାମଲା ରୁଜୁ କରି ତଦନ୍ତ ଚାଳାଇଥିବା ଚକାପାଦ ଥାନା ଅଧିକାରୀ ଲଳିତ ମୋହନ ସାଗର ସୂଚନା ଦେଇଛନ୍ତି। ଯୁବକ ଜଣକ ଫିରିଙ୍ଗିଆ ଥାନା କେଲାପଡ଼ା ଗ୍ରାମର ବାବୁଲା ବିଷୋୟୀ(୨୫)। ବ୍ୟକ୍ତି ଜଣକ ବାଇକ୍ ଯୋଗେ ଗଞ୍ଜେଇ ଧରି ଟିକାବାଲି ଦେଇ ଚକାପାଦ ଦେଇ ଗଞ୍ଜାମ ବଦାଙ୍ଗି ଆଡ଼କୁ ଯାଉଥିବା ସମୟରେ ପୁଲିସ ହାତରେ ଧରାପଡ଼ିଥିଲେ।

## ଦେବଗିରି ରେଞ୍ଜରେ ବୁଲୁଛନ୍ତି ଅପରିଚିତ ଲୋକ



ପାରଳାଖେମୁଣ୍ଡି, ୧୫।୯ (ସମିସ): ଗଜପତି ଜିଲ୍ଲା ଦେବଗିରି ରେଞ୍ଜ ଅଜୟଗଡ଼ ଗ୍ରାମାଞ୍ଚଳରେ ମାତିଛନ୍ତି ଅଚିହ୍ନା ଦଳ। ଏହି ଦଳ ନିକଟରେ ଜଙ୍ଗଲଜାତ ବିଭିନ୍ନ ଦୁର୍ଲଭ ଔଷଧୀୟ ଚେରମୂଳି ଆଦି ରହିଥିବା ଦେଖିବାକୁ ମିଳିଛି। ଏହି ଜଙ୍ଗଲଜାତ ଦ୍ରବ୍ୟ ଲୋକଙ୍କୁ ବିକି କାନଟଣା, ପେଟବ୍ୟଥା, ଆଣ୍ଠୁଗଣ୍ଠି ବ୍ୟଥା ଆଦି କମିବ ବୋଲି ଭୁଆଁ ବୁଲାଇ ଅର୍ଥ ଉପାର୍ଜନ କରୁଛନ୍ତି। ଏପରିକି ଏହି ଦଳ ନିକଟରେ ଏକ ନାଗ ସାପ ରହିଥିବା ଦେଖିବାକୁ ମିଳିଛି। ଏହି ସାପ କେଉଁ ଉଦ୍ଦେଶ୍ୟରେ ସେମାନେ ରଖିଛନ୍ତି ତାହା ଜଣାପଡ଼ିନଥିବା ବେଳେ ବନବିଭାଗ ଓ ପୁଲିସର ଅଜାଣତରେ ଖେଳ ଦେଖାଉଛନ୍ତି। ଅନ୍ୟପକ୍ଷରେ ବଣ୍ୟଜନ୍ତୁକୁ ବ୍ୟବହାର କରି କୌଣସି ଖେଳ କରିବା ଓ ଅପବ୍ୟବହାର ଉପରେ କଡ଼ା ନିୟମ ପ୍ରଣୟନ କରିଛନ୍ତି ସରକାର। ତଥାପି ସେମାନେ ଦୁର୍ଲଭ ସାପକୁ ନିଜ ସାଥୀରେ ନେଇ କରୁଛନ୍ତି କ'ଣ ତାହା ପ୍ରଶ୍ନ ହୋଇଛି। ବନବିଭାଗ କେବଳ ଚାରାରୋପଣରେ ମାତି ପାଟ୍ରୋଲିଂ ଭୁଲିଯାଇଥିବା ଆଲୋଚନା ହେଉଛି।

### ବାରାଣସୀ ସରକାରୀ ହାଇସ୍କୁଲରେ ଅବ୍ୟବସ୍ଥା

# ଖାଲିପଡ଼ିଛି ପ୍ରଧାନ ଶିକ୍ଷକ ପଦ, ନାହାନ୍ତି ଓଡ଼ିଆ ଶିକ୍ଷକ





କାଶୀନଗର, ୧୫।୯ (ସମିସ)

ଗଜପତି ଜିଲ୍ଲା କାଶୀନଗରରେ ୧୯୫୫ରେ ପ୍ରତିଷ୍ଠିତ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଏକଦା ସୁନାମ ଅର୍ଜନ କରିଥିବା ବାରାଣସୀ ସରକାରୀ ହାଇସ୍କୁଲ୍ ବର୍ତ୍ତମାନ ଚରମ ଅବ୍ୟବସ୍ଥା ଘେରରେ ରହିଛି। ପ୍ରଧାନ ଶିକ୍ଷକ ପଦ ଖାଲି ପଡ଼ିଛି। ସହକାରୀ ଶିକ୍ଷକ ଆର.ଦିଲ୍ଲୀପ କୁମାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ୬୭୧ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ବି ଓଡ଼ିଆ ଭାଷା ସାହିତ୍ୟ ବିଷୟର ଶିକ୍ଷକ ନଥିବା ଯୋଗୁଁ କିପରି ଉକ୍ତ ବିଷୟରେ ଶିକ୍ଷାଦାନ କରାଯାଉଥିବ, ତାହା ସହଜରେ ଅନୁମେୟ। ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ପ୍ରତି ଦିନ ୧୦୦ରୁ ୧୫୦ ଛାତ୍ରଛାତ୍ରୀ ଓ ରାତ୍ରି ଜଗୁଆଳ ଅନୁପସ୍ଥିତ ରହୁଛନ୍ତି ବିଦ୍ୟାଳୟରେ। ପିଅନ୍ କ୍ୱାର୍ଟର୍ସ ନଥିବାରୁ ମହିଳା ପିଅନ୍ ଜଣଙ୍କୁ ସ୍କୁଲ୍ ପରିସରରେ ରହିବାକୁ ପଡୁଛି। ଏହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଭୟ ଛାତ୍ରାବାସ ଛାତ୍ରୀ ନିବାସ ପରିଚାଳନା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଦାୟିତ୍ୱରେ ଶିକ୍ଷକ କେ.ଶଶୀଧର ରାଓ ଅଛନ୍ତି। ଗଜପତି ଏଡିଇଓ ତଥା କାଶୀନଗର ବ୍ଲକ ଭାରପ୍ରାପ୍ତ ବିଇଓ ଏବଂ ବିଦ୍ୟାଳୟର ଡିଡିଓ ଦାୟିତ୍ୱରେ ଥିବା ଏସ.ଗିରିଧରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷୟିତ୍ରୀ ଆର.ରମାଦେବୀଙ୍କୁ କେଜିବିଭି ପରିଚାଳନା ଦାୟିତ୍ୱ ଦିଆ ଯାଇଛି। ସେ ପାରଳାଖେମୁଣ୍ଡିରୁ କାଶୀନଗର ଯିବାଆସିବା କରୁଥିବା ଯୋଗୁଁ ଉଲ୍ଲେଖିତ ଅନୁଷ୍ଠାନର ୧୦୦ ଆଦିବାସୀ ଛାତ୍ରୀଙ୍କ ନିରାପତ୍ତା ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଶିକ୍ଷୟିତ୍ରୀଙ୍କୁ ଉକ୍ତ ହଷ୍ଟେଲ ଦାୟିତ୍ୱ ଦେବା ବଦଳରେ ବାହାର ଗ୍ରାମରୁ ଆସୁଥିବା ଶିକ୍ଷୟିତ୍ରୀଙ୍କୁ କିପରି ଦାୟିତ୍ୱ ଦିଆଯାଇଛି ତାହା ପ୍ରଶ୍ନ ହୋଇଛି। ଏହାଛଡ଼ା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବର୍ତ୍ତମାନର ଏନ୍‌ଏସି ଉପାଧ୍ୟକ୍ଷ ରଘୁରାମ ସାହୁ କିଛି ଦିନ ପୂର୍ବେ ହଠାତ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଠିକ୍ ଭାବେ ମଧ୍ୟାହ୍ନ ଭୋଜନ ଦିଆଯାଉ ନାହିଁ ଓ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଅନେକ ତ୍ରୁଟି ରହିଛି ବୋଲି ସେ କହିଛନ୍ତି। ବିଦ୍ୟାଳୟର ଅତି ନିକଟରେ ହିଁ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ରହିଛି। କିନ୍ତୁ ବିଦ୍ୟାଳୟରେ ଏହିପରି ସମସ୍ୟା ରହିଥିବା ଦୁଃଖଦାୟକ ବୋଲି ସାଧାରଣ ଲୋକେ କହିଛନ୍ତି। ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ବିଭିନ୍ନ ଉପାୟରେ ସୁବିଧା ଯୋଗାଉଥିବା ବେଳେ କିଛି ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ କାଶୀନଗର ଶିକ୍ଷା କ୍ଷେତ୍ର ଅଭାବରେ ରହିଯାଇଥିବା ନେଇ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ପୁରାତନ ଓ ଏକଦା ଖ୍ୟାତିସମ୍ପନ୍ନ ବାରାଣସୀ ସରକାରୀ ହାଇସ୍କୁଲର ଅଧୋଗତି କାଶୀନଗର ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ତୁରନ୍ତ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ଓ ଓଡ଼ିଆ ଶିକ୍ଷକ ପଦ ପୂରଣ ହେବ ସେ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ ବୋଲି ମତ ପ୍ରକାଶ ପାଇଛି।

# ଅଭିଯୋଗ ଶୁଣିଲେ ଜିଲ୍ଲାପାଳ, ଅଧିକାରୀ







**ଜଗନ୍ନାଥପ୍ରସାଦ,୧୫।୯ (ସମିସ):** ଗଞ୍ଜାମ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଜଗନ୍ନାଥ ପ୍ରସାଦ ବ୍ଲକ ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ଼ଃ.ପ୍ରମୋଦ କୁମାର ପୃଷ୍ଟି, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ପୋଲିସ ମୁଖ୍ୟାଳୟ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ଦାସ, ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର, ବିଡ଼ିଓ ମନ୍ମଥନାଥ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ.ଦେବାଶିଷ ପଟ୍ଟନାୟକ, ଉପଖଣ୍ଡ ଅଧିକାରୀ ଭଞ୍ଜନଗର ଡ଼ଃ.ଦୀପକ କୁମାର ମିଶ୍ର, ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ୩୦୪ଟି ଅଭିଯୋଗର ଶୁଣାଣି କରିଥିଲେ। ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ମୁଖ୍ୟ କିରାଣୀ ରାମକୃଷ୍ଣ ମହାନ୍ତି ଓ ଗ୍ରାମସେବକ ବସନ୍ତ ସାହୁ ଏହି ଶିବିରକୁ ସହଯୋଗ କରିଥିବା ବେଳେ ପଞ୍ଚାୟତ ସାମ୍ପ୍ରସାରଣ ଅଧିକାରୀ ମଥୁରାମ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମିତାଲି ପ୍ରିୟଦର୍ଶିନୀ, ସମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତି ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

**କୋଦଳା:** କୋଦଳା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ କୋଦଳା ତହସିଲଦାର ତଥା ଭାରପ୍ରାପ୍ତ ବେଗୁନିଆପଡା ବିଡ଼ିଓ ସସ୍ମିତା ଶତପଥୀ, ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ବେଗୁନିଆପଡା ଥାନା ଅଧିକାରୀ ଭଗବାନ ପୂଜାରୀ, ସି ଡି ପି ଓ ନୀଳିମା ଟପ୍ପୋଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଉଦ୍ୟାନ କୃଷି ବିଭାଗ, ଉନ୍ନୟନ ବିଭାଗ, ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶିବିରରେ୨୫ଟି ଅଭିଯୋଗ ଦାଖଲ ହୋଇଥିଲା।

**ଧରାକୋଟ :** ଧରାକୋଟ ବ୍ଲକର ସରଧାପୁର ପଞ୍ଚାୟତରେ ଜନଶୁଣାଣିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ଦିଲୀପ ଜେନା, ସମିତି ସଭ୍ୟା ପୁଷ୍ପାଞ୍ଜଳି ପଣ୍ଡା, ନାଏବ ସରପଞ୍ଚ ଶ୍ରଦ୍ଧାଞ୍ଜଳି ପ୍ରଧାନ, ଯୋଗାଣ ଅଧିକାରୀ ସଂଜୟ ମଲ୍ଲିକ, ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ବିଏସଏସଓ ସଚିନ୍ ପାତ୍ର, ଏସିଆରସିସି କିରଣବାଳା ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ତୁଷାର ପାଢ଼ୀ, ବନପାଳ ରାଜୁ ଶବର, ସୁପରଭାଇଜର ରାଜଲକ୍ଷ୍ମୀ ପ୍ରଧାନ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୂପାକ୍ଷ ପଟନାୟକ, ଜିପିଇଓ ଦେବରାଜ ନାୟକ, ମନରେଗା ବିଭାଗର ଅମେଶ ବେହେରା, ଦୀପକ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ଗୌଡ଼, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଛନ୍ଦାଶ୍ରୀ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଶୋବନ୍ତି ମିଶ୍ରଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜନଶୁଣାଣିରେ ମୋଟ ୩୧ ଜଣ ଅଭିଯୋଗ ଦାଖଲ କରିଥିଲେ।

**ପୋଲସରା:** ପୋଲସରା ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଶଶୀ ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ୧୦୬ ଜଣ ଅଭିଯୋଗ କରିଥିଲେ। ୬ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବିଡିଓ ମହାପାତ୍ର ପ୍ରଦାନ କରିଥିଲେ। ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର, ପୋଲସରା ଥାନାଅଧିକାରୀ କୌଶିକ ମାଝୀ, ଅତିରିକ୍ତ ବିଡିଓ ସୋନମ୍ ବେହେରା, ସିଡିପିଓ ତିଳୋତ୍ତମା ରାଉତ, ଧନେଇ ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ପଣ୍ଡା, ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ଗ୍ରାମ୍ୟ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର ତରାଇ, କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନୁଜ୍ କୁମାର, ଯନ୍ତ୍ରୀ ଶ୍ରୀକାନ୍ତ ଜେନା, ପଶୁ ଚିକିତ୍ସା ଅଧିକାରୀ ସୁବାଷ ଜେନା, ସରପଞ୍ଚ ପବିତ୍ର କୁମାର ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶୁ ସେଠୀ, ଗୋଷ୍ଠୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭବାନୀ ବେହେରା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୋଲାଲିସା କିସ୍କୋ, ଗୋଷ୍ଠୀ କୃଷି ଅଧିକାରୀ ଜୟପ୍ରଭା ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ ପ୍ରଭା ରଥ, ଏପିଓ ଅରୁଣ କୁମାର ସ୍ୱାଇଁ, ପାଟପୁର ଥାନା ଏସଆଇ ଶ୍ରୀନିବାସ ଦାସ, ଜିଲ୍ଲା ପରିଷଦ ସଭ୍ୟା ମାମାନି ପାତ୍ର, ସରପଞ୍ଚ ପିଙ୍କି ସେଠୀ, ସମିତି ସଭ୍ୟ ବୁଲୁ ସେଠୀ, ନାଏବ ସରପଞ୍ଚ ଜୟନ୍ତୀ ମଲ୍ଲିକଙ୍କ ସମେତ ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ।




## ମା' ରାମଚଣ୍ଡୀଙ୍କ ନାରାୟଣୀ ବେଶ

**ଗଞ୍ଜାମ,୧୫।୯ (ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତର ଅନୁଚ ପାହାଡ ଶିଖରେ ଅବସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ମୂଳାଷ୍ଟମୀ ତିଥିରେ ଦେବୀଙ୍କ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଯାଇଛି। ଅଷ୍ଟମୀ ତିଥିରେ ମା' ଦୁର୍ଗା ବେଶ ଓ ଆଜି ମା' ନାରାୟଣୀ ବେଶରେ ଦର୍ଶନ ଦେଇଥିଲେ। ଏହି ପୂଜାରେ ବିପୁଲିଙ୍ଗି ଗ୍ରାମର ଦିବାକର ଦାଶ ମୁଖ୍ୟକର୍ତ୍ତା ଓ ବ୍ରହ୍ମପୁରର ଦିବାକର ପଣ୍ଡା ଉପକର୍ତ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ କରପଡା ପଞ୍ଚାୟତର ଶତାଧିକ ମାଆ ମାନେ ପବିତ୍ର ଋଷିକୂଲ୍ୟା ନଦୀରୁ ଜଳଯାତ୍ରା କରି ଜଳ ଆଣିଥିଲେ। ତାପରେ ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନ ରେ ଏବଂ ବ୍ରହ୍ମପୁରର ବେଦଧ୍ୟାୟୀ ହରମୋହନ ପଣ୍ଡା, ପଣ୍ଡିତ ନୀଳମଣି ମହାପାତ୍ର, ପଣ୍ଡିତ ଚନ୍ଦ୍ରଭାନୁ କର ଓ ପଣ୍ଡିତ ରାହୁଲ ଦାଶ ଉପସ୍ଥିରେ ବେଦପାଠ କରାଜାଇ ପୂଜା ସମ୍ପନ୍ନ କରାଯାଇଥିଲା। ପୂଜା ସୋପାନ ଅନୁସାରେ ଚଣ୍ଡୀପାଠ, ଚଣ୍ଡୀ ହବନ ଇତ୍ୟାଦି କରାଯାଇଥିଲା। ପ୍ରଥମ ଦିନରେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ମହନ୍ତ ହରିହର ଦାଶ, ବ୍ରହ୍ମପୁର ସହରର ଯୁବ ସମାଜସେବୀ ଏ ସନ୍ତୋଷ ପାତ୍ର ଏବଂ ଅନ୍ୟ ଅତିଥି ମାନେ ଯୋଗ ଦେଇଥିଲେ। ଟ୍ରଷ୍ଟି ମଞ୍ଜୁଳା ପଣ୍ଡା, ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ସଭାପତି ଦୟାନନ୍ଦ ରେଡ୍ଡୀ, ଉପସଭାପତି ଦିବାକର ନାୟକ, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକ (ମହାରାଜ), ସଂଯୋଜକ କମଳ ପଣ୍ଡା, ତୁଷାର ଶତପଥୀ, ଜୋତିର୍ବିଦ ଦୀପକ ଦାସ, ତ୍ରିନାଥ ନାୟକ, ଗୋବର୍ଦ୍ଧନ ନାୟକ, ସୁଧୀର ମହାରଣା, କୁଞ୍ଜ ନାୟକ(କୋଷାଧକ୍ଷ)ଙ୍କ ସମେତ ସମସ୍ତ ପୂଜା କମିଟି ଉପସ୍ଥିତ ଥିଲେ।

## 'ଗାନ୍ଧୀ କୈଳାସ ପାହାଡ଼ର ଉନ୍ନତିକରଣ ହେବ'

**ଭଞ୍ଜନଗର,୧୫।୯ (ସମିସ):** ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପି ହେବାକୁ ଥିବା ମେଗା ଚାରା ରୋପଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଆର୍ଥିକ ସହାୟତାରେ କେଏସୟୁ ବି କଲେଜ ଜାତୀୟ ସେବା ଯୋଜନା ଶାଖା (୧) ଏବଂ ଶାଖା ୨ ମିଳିତ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ନାୟକ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ପାଠ ପଢି ଭଲ ମଣିଷଟିଏ ହେବାପାଇଁ କହିଥିଲେ। ଏଥିସହ ଭଞ୍ଜନଗର ସହର ମଝିରେ ଥିବା ଗାନ୍ଧୀ କୈଳାସ ପାହାଡର ଉନ୍ନତିକରଣ ହେବ ଓ ଏଥିପାଇଁ ୮ କୋଟି ଟଙ୍କା ବ୍ୟୟ କରାଯିବ ବୋଲି କହିଥିଲେ। କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ରଥ, ଡ ରବୀନ୍ଦ୍ର ମିଶ୍ର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସୁନିତା ଖଣ୍ଡୁଆଳ, ସ୍ମରଣିକା ପାଢ଼ୀ, ସ୍ୱେଚ୍ଛାସେବୀ ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଯୋଜନା ଅଧିକାରୀ ଶାଖା (୧) ବି ପ୍ରଧାନ, ସହ ଯୋଜନା ଅଧିକାରୀ ବୁଧିନାଥ ବରିହା, ଶାଖା ୨ ଯୋଜନା ଅଧିକାରୀ ସସ୍ମିତା ଦାସ, ଅଧ୍ୟାପିକା ମାମାଲି ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବଗଳାମୁଖୀଙ୍କୁ ଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ



**ଚିକିଟି,୧୫।୯ (ସମିସ):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଚିକିଟି ଗସ୍ତ କରିବା ଅବସରରେ ସ୍ଥାନୀୟ ବଗଳାମୁଖୀ ମନ୍ଦିର ଦର୍ଶନ କରିଥିଲେ। ତାଙ୍କ ସହ ବାଣିଜ୍ୟ ଏବଂ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ, ଦେବଦତ୍ତ ପଣ୍ଡା, ଦିଲୀପ ସାହୁ, ସୁମନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ପିପୁଲ୍ସ କଲେଜରେ ରାଜନୀତି ବିଜ୍ଞାନ ପାଠଚକ୍ର

**ବୁଗୁଡ଼ା,୧୫।୯ (ସମିସ):** ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ବିଷୟବସ୍ତୁ "ଫ୍ରମ୍ ରବର୍ ଷ୍ଟାମ୍ପ ଟୁ କ୍ରାଇସିସ୍ ମ୍ୟାନେଜର: ଦି ଟ୍ରାନ୍ସଫର୍ମରଟିଭ୍ ଡାଇମେନସନ୍ସ ଅଫ୍ ଦି ଇଣ୍ଡିଆନ ପ୍ରେସିଡେନ୍ସି' ରହିଥିଲା। କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି ଅଟୋନୋମସ୍ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ.ବୈଦ୍ୟନାଥ ଦାଶ ଓ ସମ୍ମାନିତ ଅତିଥି ଭାବେ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ବିଭାଗୀୟ ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ମଞ୍ଚାସୀନ ରହିଥିବାବେଳେ ଏହାର ପ୍ରାରମ୍ଭରେ ବିଭାଗୀୟ ପାଠଚକ୍ରର ଅଧ୍ୟାପକ ଅକ୍ଷୟକୁମାର ସାହୁ ଅତିଥି ପରିଚୟ ସାଙ୍ଗକୁ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀ ରୂପାଲି ପାତ୍ର ଓ ପୂଜା ସ୍ୱାଇଁ ସେମିନାର ପେପର୍ ପ୍ରେଜେଣ୍ଟେସନ୍ କରିଥିଲେ। ସେମିନାର ସେକ୍ରେଟାରୀ ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ୱ ବିଭାଗକୁ ଲୋକାଭିମୁଖୀ କର: ରାଜସ୍ୱ ମନ୍ତ୍ରୀ



**ରଙ୍ଗେଇଲୁଣ୍ଡା,୧୫।୯ (ସମିସ):** କନିଷି ତହସିଲରେ ବିଭିନ୍ନ ପ୍ରକାର ପଟ୍ଟା ରାଜସ୍ୱ ବିପର୍ଯ୍ୟସ୍ତ ଓ ଖଣି ଇସ୍ପାତ ମନ୍ତ୍ରୀ ବଣ୍ଟନ କରିଥିଲେ। ଆୟୋଜିତ ସଭାରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୁତି ଭୂଷଣ ଜେନା, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଗୌରୀ ସାମନ୍ତରାୟ ମଞ୍ଚାସିନ ଥିଲେ। ତହସିଲଦାର କବିରାଜ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରାଜସ୍ୱ ବିଭାଗକୁ ପିପୁଲସ ଫ୍ରେଣ୍ଡଲି ବିଭାଗ କର ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। ଏହି ତହସିଲର ୧୩ଟି ସର୍କଲ ହିତାଧିକାରୀଙ୍କୁ ଦୁଇ ମନ୍ତ୍ରୀ ପଟ୍ଟା ବଣ୍ଟନ କରିଥିଲେ। ଗ୍ରାମକଣ୍ଠ ୧୮୨ ଜଣ, ଦୁଇ ଖାନା ସଂସଦନ ୮ ୯୩ ଜଣ, ଘରବାରୀ ୨୫ ଜଣ ଓ ୫ ଜଣ ଜମି ହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରିଥିଲେ। ଅତିରିକ୍ତ ତହସିଲଦାର ଚିତ୍ରସେନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁକ ଚାଳନାରେ ଆଶୁତୋଷଙ୍କ କୃତିତ୍ୱ



**ପୋଲସରା,୧୫।୯ (ସମିସ):** ପୋଲସରା ଅଞ୍ଚଳ ତଥା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ନବମ ଶ୍ରେଣୀ ଏନସିସିର ଛାତ୍ର ଆଶୁତୋଷ ସାହୁ। (୨)ୟ ଓଡ଼ିଶା ବାଟାଲିୟନ ତରଫରୁ ଆଶୁତୋଷ ବନ୍ଧୁକ ଚାଳନାରେ ଏସଏମ ଆଇ ଟି ଆଙ୍କୁଶପୁର ଠାରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ହାସଲ କରି ନବରଙ୍ଗପୁର ଓ ସମ୍ବଲପୁର ଠାରେ ଅନୁଷ୍ଠିତ ଜୋନାଲ ଲେବେଲରେ ଅଂଶ ଗ୍ରହଣ କରି ସେଠାରୁ ମଧ୍ୟ ପ୍ରଥମ ହୋଇଥିଲେ। ପରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବନ୍ଧୁକ ଚାଳନାରେ ପ୍ରଥମ ହୋଇ ସର୍ବଭାରତୀୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ସେ. ୨-୨ ରାଇଫଲରେ ୨୫ମିଟର ଦୂରତା ଲକ୍ଷ୍ୟ ହାସଲ କରି ସଫଳତାର ସହିତ କୃତିତ୍ୱ ହାସଲ କରିଥିଲେ। ଓଡିଶାରୁ ନେତୃତ୍ୱ ନେଇ ଦିଲ୍ଲୀରେ ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଷଡଙ୍ଗୀ, ଏନସିସି ଅଧିକାରୀ କଲ୍ୟାଣ ପ୍ରଧାନ, ବାପା ରାଜକିଶୋର ସାହୁ, ମାଆ ସସ୍ମିତା କୁମାରୀ ସାହୁଙ୍କ ଆଶୀର୍ବାଦ ଓ ପ୍ରେରଣା ଯୋଗୁଁ ମୁଁ ଆଜି ସଫଳତା ପାଇପାରିଛି ବୋଲି ଆଶୁତୋଷ କହିଛନ୍ତି। ଭବିଷ୍ୟତରେ ସ୍ଥଳ ସେନାରେ ଉଚ୍ଚ ଅଫିସର ହେବି ବୋଲି ଆଶା ରଖିଛି ବୋଲି ଆଶୁତୋଷ କହିଛନ୍ତି।

## ଶାନ୍ତି ସ୍ରୋତ ଭବନରେ ସ୍ନେହମିଳନ କାର୍ଯ୍ୟକ୍ରମ

**ଭଞ୍ଜନଗର,୧୫।୯ (ସମିସ):** ବ୍ରହ୍ମା କୁମାରୀ ଭଞ୍ଜନଗର ତରଫରୁ ଶାନ୍ତି ସ୍ରୋତ ଭବନରେ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, କେଏସୟୁବି କଲେଜର ଅଧକ୍ଷ ରାଜେନ୍ଦ୍ର ଦାସ ଓ ପ୍ରାକ୍ତନ ଅଧକ୍ଷ କୃତ୍ତିବାସ ବିଶ୍ୱାଳ, ରୋଟାରୀ କ୍ଲବ ସଭାପତି ରଞ୍ଜିତ କୁମାର ବାରିକ, ଗୁପ୍ତେଶ୍ୱର ସୁବୁଦ୍ଧି, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ଘୁମୁସର ଗବେଷଣା ପ୍ରତିଷ୍ଠାନ ସଭାପତି ସନ୍ତୋଷ କୁମାର ଆପଟ, ସମ୍ବାଦ ସାହିତ୍ୟ ଘରର ସମ୍ପାଦକ ସନ୍ତୋଷ କୁମାର ଜେନା ମଞ୍ଚସ୍ଥ ଥିଲେ। କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ଏକ ନୂତନ ବିଶ୍ୱ ନିର୍ମାଣରେ ପରମ ଶିକ୍ଷକ ପରମାତ୍ମାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ଧରାକୋଟ,୧୫।୯ (ସମିସ):** ଧରାକୋଟସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ ପରିସରରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ବିଆରସିସି ତଥା ଏବିଇଓ ସୌରୀ ଶଙ୍କର ବେହେରା, ବିଭୂତି ଭୂଷଣ ପାତ୍ର, ମାଣିକପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲା ପ୍ରଧାନ, ବରଡାବିଲି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିରୁପାକ୍ଷ ପରିଡ଼ା, ପୂର୍ବତନ ଏ ବି ଇ ଓ ସିମାଞ୍ଚଳ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ମାଣିକପୁର, ମୁଣ୍ଡମରାଇ, ବେଠୁଆର ଓ ଧରାକୋଟ ଜୋନରୁ ୬୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଇଓ ଅଭିମନ୍ୟୁ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଇଓ ଲିଙ୍ଗରାଜ ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଗଠକ ହରିହର ରାଉତ, ବ୍ଲକ ଶିକ୍ଷକ ସଂଘ ସଭାପତି ଶୁକ୍ରୁ ବେହେରା, ବିଆରସିସି ସୌରୀ ଶଙ୍କର ବେହେରା, ଏବିଇଓ ବିଭୂତି ଭୂଷଣ ପାତ୍ର, ବ୍ଲକ କ୍ରୀଡା ସଂଘ ସଂପାଦକ ପାଣ୍ଡବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଦେବାଶିଷ ବେହେରା ଓ ସୁରେଶ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ୨୫ ଜଣ କ୍ରୀଡ଼ା ଶିକ୍ଷକ ସହଯୋଗ କରିଥିଲେ।

# ଓଡ଼ିଶା କୃଷକ ସଭାର ବ୍ଲକ୍ ସମ୍ମିଳନୀ

**କୋଦଳା,୧୫।୯ (ସମିସ)**




ଓଡ଼ିଶା କୃଷକ ସଭା ୩ୟ ବେଗୁନିଆପଡ଼ା ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋଦଳା ଜେଲ ରୋଡ୍‌ଠାରୁ ପୁରୁଷ ଓ ମହିଳା ପଟୁଆର ବାହାରି ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ କିରାଣି ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧିଙ୍କୁ ସ୍ମାରକପତ୍ର ପ୍ରଦାନ କରି କୋଦଳା ସହର ପରିକ୍ରମା କରିଥିଲେ। ସମ୍ମିଳନୀର ପତାକାକୁ ବ୍ଲକ୍ ସଭାପତି ମୋଚିଆ ଶବର ଉତ୍ତୋଳନ କରିଥିଲେ। ଅଧିବେଶନକୁ ଜିଲ୍ଲା ସଭାପତି ପି.ହରିକୃଷ୍ଣ ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ସାର କଳା ବଜାର ବନ୍ଦ କରିବା ଓ ପର୍ଯ୍ୟାପ୍ତ ପରିମାଣ ସାର ସମବାୟ ସମିତିଙ୍କୁ ଯୋଗାଣ କରିବା, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା ଦେବା, ମୂଲିଆଙ୍କୁ ମନରେଗା ଯୋଜନାରେ ବାର୍ଷିକ ୨୦୦ଦିନ କାମ, ଦୈନିକ ୬୦୦ଟଙ୍କା ମଜୁରି ଦେବା ଓ ସ୍ୱାମୀନାଥନ୍ କମିଟି ସୁପାରିସ କରିଥିବା ଚାଷୀ ଫସଲର ଖର୍ଚ୍ଚର ଦେଢ଼ଗୁଣ ଦର ଦେବା ଭଳି ଦାବି କରିଥିଲେ। ଏଥିରେ ଜିଲ୍ଲା ସମ୍ପାଦକ ଅଜୟ ଗୌଡ଼, କୃଷକ ନେତା ଯୋଗେଶ ସାହୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ୨୫ଜଣିଆ ବ୍ଲକ କମିଟି ଗଠନ ହୋଇଥିଲା। ମୋଚିଆ ଶବର ବ୍ଲକ ସଭାପତି ଓ ପ୍ରକାଶ ଯାନୀଙ୍କୁ ବ୍ଲକ ସମ୍ପାଦକ ରୂପେ ନିର୍ବାଚିତ କରିଥିଲେ। ଉଦୟ ପ୍ରଧାନ, ନିରାଶ ଯାନୀ, ବିଜୟ ନାୟକ, ମଙ୍ଗଳା ଶବର, ଭାସ୍କର ଯାନୀ ଓ ସୌରୀ ଦାସଙ୍କୁ କର୍ମକର୍ତ୍ତା ଭାବେ ଚୟନ କରାଯାଇଥିଲା।

## ସ୍ତ୍ରୀଙ୍କ ନାଁରେ ଜମି ରେଜିଷ୍ଟ୍ରିବେଳେ ଟଳିପଡ଼ିଲେ ବୃଦ୍ଧ

**ଏମିତିବି ଆସେ ମୃତ୍ୟୁ!**

**ସାନଖେମୁଣ୍ଡି,୧୫।୯ (ସମିସ):** ମୃତ୍ୟୁ କେମିତି ଆସିବ କେହି କହିପାରିବ ନାହିଁ। ତେବେ ଜଣେ ବୃଦ୍ଧ ନିଜ ସ୍ତ୍ରୀଙ୍କ ନାମରେ ଜମି ରେଜିଷ୍ଟ୍ରେସନ କରିବାବେଳେ ଟଳି ପଡ଼ିଥିବା ଜଣାପଡ଼ିଛି। ଏହି ଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ସବ୍‌ରେଜିଷ୍ଟ୍ରି ଅଫିସରେ। ପରିବାର ଲୋକେ ବୃଦ୍ଧଙ୍କୁ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ସାନଖେମୁଣ୍ଡି ବ୍ଲକ ଏସ୍ ଗୋପାଳପୁର ପଞ୍ଚାୟତର ପୁରୁଣାଗଡ଼ ଗ୍ରାମର ବିପ୍ର ଚରଣ ପାତ୍ର। ବୃଦ୍ଧ ଜଣଙ୍କ ସୋମବାର ତାଙ୍କ ସ୍ତ୍ରୀଙ୍କ ସହ ସାନଖେମୁଣ୍ଡି ସବ୍ ରେଜିଷ୍ଟର କାର୍ଯ୍ୟାଳୟକୁ ଯାଇଥିଲେ। ନିଜ ନାମରେ ଥିବା ଦୁଇ ଭରଣରୁ ଉର୍ଦ୍ଧ୍ୱ ଜମିକୁ ତାଙ୍କ ସ୍ତ୍ରୀ ନାଁରେ କରିବା ପାଇଁ ଆସିଥିଲେ। ସ୍ଲଟ୍ ବୁକିଙ୍ଗ ଅନୁଯାୟୀ ରେଜିଷ୍ଟ୍ରେସନ ପ୍ରୋସେସ୍ ଚାଲିଥିଲା। ତେବେ ଫିଙ୍ଗର ପ୍ରିଣ୍ଟ ଦେଇ ଆଇ ସ୍କାନ ବେଳେ ତାଙ୍କ ପ୍ରାଣ ବାୟୁ ଉଡ଼ିଯାଇଥିଲା।

## ପାତ୍ରପୁରରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**ପାତ୍ରପୁର,୧୫।୯ (ସମିସ):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୋମବାର ମହେନ୍ଦ୍ରଗିରି ଗସ୍ତ କରିଥିବା ବେଳେ ପାତ୍ରପୁର ଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରୀପେକ୍ଷୀରେ ରାଜସ୍ୱ ମନ୍ତ୍ରୀଙ୍କୁ ଅଞ୍ଚଳବାସୀ ତହସିଲ ଓ ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟ ନୂତନ କୋଠା ପାଇଁ ଅନୁରୋଧ କରିଥିବା ବେଳେ ମନ୍ତ୍ରୀ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ଚିଠି କରିବା ପାଇଁ ପରାମର୍ଶ ଦେବା ସହ ଖୁବ୍‌ଶୀଘ୍ର ଉଭୟ କାର୍ଯ୍ୟାଳୟକୁ ମିଶାଇ ନୂତନ କୋଠା ନିର୍ମାଣ ପାଇଁ ସରକାର ପାଣ୍ଠି ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଜରଡ଼ା ପାର୍ଥ ସାରଥୀ ମନ୍ଦିର ଯାଇ ଦୁଇ ମନ୍ତ୍ରୀ ଜଗନ୍ନାଥ ମହାପ୍ରଭୁ ଓ ସାରଥୀ ଗୋସାଇଁଙ୍କୁ ଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ କାହ୍ନୁ ଚରଣ ପତି, ୱାଇ ମୋହନ ରାଓ, ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ଇଶ୍ବରୁ ବାଲକ୍ରିଷ୍ଣା ରେଡ୍ଡୀ, ବହୁ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

